## ସଂକ୍ଷେପରେ

### ସଭାପତି ପାଇଁ ୪, ସମ୍ପାଦକ ନିମନ୍ତେ ୩ ପ୍ରାର୍ଥୀ

#### ଗୁଣପୁର ଓକିଲ ସଂଘ ନିର୍ବାଚନ ୩ ପଦବୀ ଅପ୍ରତିଦ୍ୱନ୍ଦ୍ୱୀ

ଗୁଣପୁର,୭।୩(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ଓକିଲ ସଂଘର ବିଭିନ୍ନ ପଦ ପଦବୀ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ ସୋମବାର ସରିଛି। ସମୁଦାୟ ୧୦ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସଭାପତି ପଦ ପାଇଁ ୪ ଜଣ ଏବଂ ସମ୍ପାଦକ ପାଇଁ ୩ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସଭାପତି ପାଇଁ ବ୍ରହ୍ମାନନ୍ଦ ପଟ୍ଟନାୟକ, ଗୌରିଶଙ୍କର ଦାସ, ରାଜେନ୍ଦ୍ର ପ୍ରସାଦ ପାଢ଼ୀ ଏବଂ ରମେଶ ଚନ୍ଦ୍ର ଲିମା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସମ୍ପାଦକ ପଦ ପାଇଁ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ବିଷ୍ଣୁ ପାଢ଼ୀ ଏବଂ ଜଗଦୀଶ ଗମାଙ୍ଗ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଦୁଇଟି ପଦ ପାଇଁ ୭ ନାମାଙ୍କନ ପତ୍ର ଦାଖଲ ହୋଇଛି। ଅପ୍ୟପକ୍ଷରେ ଉପ ସଭାପତି ପଦ ପାଇଁ ସରୋଜ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଭାଗିରଥି ବାଙ୍ଗାରି ଏବଂ କୋଷାଧ୍ୟକ୍ଷ ରାଜକିଶୋର ଦାସ ପ୍ରମୁଖ ଜଣେ ଲେଖାଏ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ସେମାନେ ଅପ୍ରତିଦନ୍ଦ୍ୱୀ ହୋଇଛନ୍ତି। ୯ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ଏବଂ ୧୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଥିବାବେଳେ ୨୬ରେ ନିର୍ବାଚନ ଏବଂ ଭୋଟ ଗଣତି ହେବ ବୋଲି ନିର୍ବାଚନ ଅଧିକାରୀ ଆଇନଜୀବୀ ବିଶ୍ୱନାଥ ସାହୁ ସୂଚନା ଦେଇଛନ୍ତି।

### ସୃଜନୀ ପରିବାରର ଆଲୋଚନା ଚକ୍ର



ଡାବୁଗାଁ, ୭।୩ (ଡି.ଏନ୍.ଏ.)- ସୃଜନୀ ପରିବାର ଚେନ୍ନାଇ ଅନୁକୂଲ୍ୟରେ ସ୍ୱୟଂସିଦ୍ଧା ନାରୀ ସଶକ୍ତୀକରଣ, ନାରୀ ଜାଗୃତି, ନାରୀ ପ୍ରଗତି ଶୀର୍ଷକରେ ଏକ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ନୂଆ ଦିଲ୍ଲୀ ଭାରତ ଜ୍ଞାନ ବିଜ୍ଞାନ ସମିତି ଉପସଭାପତି ଆଶା ମିଶ୍ର ଯୋଗଦେଇ ନାରୀ ଜାଗୃତି, ପ୍ରଗତି ତଥା ସଦିଚ୍ଛାର ପରାକାଷ୍ଠା ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ବରେଣ୍ୟ ଆଲୋଚିକା ଭାବରେ ଡ଼ଃ ଅରୁନ୍ଧତୀ ଦେବୀ, ବରିଷ୍ଠ ସମାଜିକ କର୍ମୀ ବିଦ୍ୟା ଦାସ , ସୁମନି ଝୋଡିଆ, ରାଜେଶ୍ୱରୀ ଦଳାଇ ଅତିଥିଭାବେ ଉପସ୍ଥିତ ଥିଲେ। ସୃଜନୀପରିବାରର ଉପଦେଷ୍ଟା ବାସନ୍ତୀ ମହାନ୍ତି ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ। ଅବସରପ୍ରାପ୍ତ ଆଇଏଫ୍ଏସ୍ ଆଶୁତୋଷ ସାମନ୍ତସିଂହାର, ଅଶୋକ କୁମାର ସାମନ୍ତ, ସୁମତି ମୁଣ୍ଡ ଉପସ୍ଥିତ ଥିଲେ। ସଙ୍ଗୀତ ଆସରରେ କଣ୍ଠଶିଳ୍ପୀ ବିଦ୍ୟୁତପ୍ରଭା ପଟ୍ଟନାୟକ, ମହାଶ୍ୱେତା ପଟ୍ଟନାୟକ ସଙ୍ଗୀତ ପରିବେଷଣ କରିଥିଲେ। ସହ ସଞ୍ଚାଳକ ରମେଶ ଚନ୍ଦ୍ର ପସାଏତ୍ ଧନ୍ୟବାଦ ଦେଇଥିଲେ

### ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ପ୍ରଶାନ୍ତ, ଶାନ୍ତନୁ

#### ଉମରକୋଟ ଓକିଲ ସଂଘ ନିର୍ବାଚନ


ପ୍ରଶାନ୍ତ ସାହୁ


ଶାନ୍ତନୁ ବାହିନୀପତି

ଉମରକୋଟ, ୭।୩(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଉମରକୋଟ ଓକିଲ ସଂଘ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ସାହୁ ଓ ସମ୍ପାଦକ ଭାବେ ଶାନ୍ତନୁ କୁମାର ବାହିନୀପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଯୁଗ୍ମ ସମ୍ପାଦକଭାବେ ପ୍ରଦ୍ୟୁମ୍ନ ପାଢ଼ୀ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ଜିତେନ୍ଦ୍ର ମହାନ୍ତି ମଧ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୋମବାର ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲର ଥିଲା ଶେଷ ଦିନ। ଉପସଭାପତି ଭାବେ ହରିହର ଶତପଥୀ ଓ ଯୋଗେନ୍ଦ୍ର ମାଝି ନାମାଙ୍କନ ଦାଖଲ କରିଛନ୍ତି। ୧୧ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ହେବ। ୨୬ରେ ଭୋଟ ଗ୍ରହଣ ହେବ। ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ ନିର୍ବାଚନ ଅଧିକାରୀ, ମନୋହର ମହାନ୍ତି ଓ ମୋନଜ କୁମାର ମହାପାତ୍ର ସହକାରୀ ନିର୍ବାଚନ ଅଧିକାରୀଭାବେ ଦାୟିତ୍ୱ ତୁଲାଉଛନ୍ତି। ଅଶୋକ ସାହୁ ଓ ଅନ୍ୟ ଆଇନଜୀବୀ ସକ୍ରୀୟଭାବେ ସହଯୋଗ କରିଛନ୍ତି।

# ପ୍ରତ୍ୟେକ ପିରିୟଡ୍ ପରେ ପାଣି ପିଇବାକୁ ପିଲାଙ୍କୁ ମିଳିବ ୫ ମିନିଟ୍

ନବରଙ୍ଗପୁର,୭।୩(ବି.ପ୍ର.)


ଅଂଶୁଘାତ ପରିଚାଳନା ବୈଠକରେ ନବରଙ୍ଗପୁର ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

ନବରଙ୍ଗପୁର ସହରସ୍ଥିତ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲାପାଳ ଡ଼ଃ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ତାର ମୁକାବିଲା ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଛି। ଖରାଦିନରେ ପିଇବା ପାଣି ଅଂଶୁଘାତ ସମସ୍ୟା ଓ ତାହାର ସଫଳ ମୁକାବିଲା କରିବା ନିମନ୍ତେ ଆଲୋଚନା ହୋଇଥିଲା। ଜିଲାର ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ବିଦ୍ୟାଳୟରେ ପ୍ରର୍ଯ୍ୟାପ୍ତ ପରିମାଣର ଓଆର୍ଏସ୍ ପ୍ୟାକେଟ ମହଜୁଦ ରଖିବା ପାଇଁ ସିଡିଏମ୍ଓ ଏବଂ ଜିଲା ସାମାଜ କଲ୍ୟାଣ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ସବୁ ସ୍କୁଲରେ ପ୍ରତ୍ୟେକ ପିରିୟଡ଼ ପରେ ପିଲାମାନଙ୍କୁ ପାଣି ପିଇବା ପାଇଁ ୫ ମିନିଟ୍ ସମୟ ଦିଆଯିବ। ଏହା ବାଧ୍ୟତାମୂଳକ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଶ୍ରମିକଙ୍କ କାର୍ଯ୍ୟ ସ୍ଥଳିରେ ପାଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଜିଲା ଶ୍ରମ ବିଭାଗକୁ କୁହାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଅଂଶୁଘାତର ଆଶଙ୍କା ଥିବାରୁ ଦିନ ୧୧ଟାରୁ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ ଶ୍ରମିକଙ୍କୁ କାର୍ଯ୍ୟରେ ନ ଲଗାଇବାକୁ ନିର୍ଦ୍ଦେଶ ରହିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସ୍କୁଲ ଏବଂ କଲେଜରେ ଶିକ୍ଷାଦାନ କରିବାକୁ ଡିଇଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଚଳ ନଳକୂପକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ସହିତ ଆବଶ୍ୟକସ୍ଥଳେ ଭ୍ରାମ୍ୟମାଣ ଟ୍ୟାଙ୍କର ସାହାଯ୍ୟରେ ପିଇବା ପାଣିର ସୁବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ଅଂଶୁଘାତର ସଫଳ ମୁକାବିଲା ପାଇଁ ପ୍ରତି ବ୍ଲକସ୍ତରରେ ଏବଂ ଜିଲାମୁଖ୍ୟ ଚିକିତ୍ସାଳୟରେ ନିୟନ୍ତ୍ରଣ କକ୍ଷ ଖୋଲି ତୁରନ୍ତ ଆବଶ୍ୟକୀୟ ସେବା ଯୋଗାଇ ଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଂଶୁଘାତର ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିରବଚ୍ଛିନ୍ନ ବିଦ୍ୟୁତ୍‌ସେବା ଯୋଗାଇ ଦେବାକୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ସ୍ଥଳେ ଜନଗହଳି ସ୍ଥାନରେ ଜଳଛତ୍ର ଖୋଲିବାକୁ ଜିଲାପାଳ ମିଶ୍ର ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଏସ୍‌ପି. ପି.ଏସ୍. ପୁରୁଷୋତ୍ତମ ଦାସ, ସିଡିଏମ୍ଓ କାଳି ପ୍ରସାଦ ବେହେରା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦେବୀ ପ୍ରସାଦ ଟାଲି, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପ ଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ, ଜିଲା ଜରୁରୀ କାଳୀନ ଅଧିକାରୀ ମୌସୁମୀ ନାୟକ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ହିମାଂଶୁ ଶେଖର ପଟନାୟକ, ବିଭୁ ରଞ୍ଜନ ନାୟକଧନପତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଧୋଡ଼ିପାଣି ବିଦ୍ୟାଳୟ ଫାଟକରେ ମାଓବାଦୀ ବ୍ୟାନର

ଚନ୍ଦାହାଣ୍ଡି, ୭।୩(ଡି.ଏନ୍.ଏ.)


ଧୋଡ଼ିପାଣି ହାଇସ୍କୁଲ ମୁଖ୍ୟ ଫାଟକରେ ଲଗାଯାଇଥିବା ମାଓବାଦୀ ବ୍ୟାନର।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଧୋଡ଼ିପାଣି ହାଇସ୍କୁଲ ମୁଖ ଫାଟକରେ ସୋମବାର ଏକ ମାଓବାଦୀ ବ୍ୟାନର ଲଗାଯାଇଛି। ଓବିସିଙ୍କ ପାଇଁ ସଂରକ୍ଷଣ ରହୁନି, ସେମାନଙ୍କୁ ଶିକ୍ଷା ମିଳୁନି ବୋଲି ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। ଆସନ୍ତା ୨୦ ପର୍ଯ୍ୟନ୍ତ ଧୋଡ଼ିପାଣି ସ୍କୁଲ ରହିବ ନାହିଁ ବୋଲି ଉକ୍ତ ପୋଷ୍ଟରରେ ଧମକ ଦିଆଯାଇଛି। ଚନ୍ଦାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ଆଦିବାସୀଙ୍କ ସଂରକ୍ଷଣକୁ ଉକ୍ତ ପୋଷ୍ଟରରେ ବିରୋଧ କରାଯାଇଛି। ଓବିସିଙ୍କୁ ସ୍କୁଲ, କଲେଜ ଓ ଚାକିରି କ୍ଷେତ୍ରରେ ସୁବିଧା ମିଳୁନାହିଁ। ଧୋଡ଼ିପାଣି ବିଦ୍ୟାଳୟର କେବଳ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ପିଲାମାନେ ପାଠ ପଢୁଛନ୍ତି। ଏଠାରେ ମଧ ଓବିସି ପିଲା ପାଠପଢ଼ି ପାରୁନାହାନ୍ତି। ଶିକ୍ଷାନୁଷ୍ଠାନ ରହିବ କାହିଁକି ବୋଲି ଲଗାଯାଇଥିବା ମାଓବାଦୀ ବ୍ୟାନରରେ ଉଲ୍ଲେଖ ରହିଛି। ଏଥିସହ ୨୦ତାରିଖ ପର୍ଯ୍ୟନ୍ତ ଧୋଡ଼ିପାଣି ସ୍କୁଲ ରହିବ ନାହିଁ ବୋଲି ସିପିଆଇ(ମାଓବାଦୀ) ପକ୍ଷରୁ ଲଗାଯାଇଥିବା ବ୍ୟାନରରେ ଲେଖାଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ, ସ୍କୁଲ କର୍ତ୍ତୃପକ୍ଷ ଓ ଗ୍ରାମବାସୀ ଏବେ ଭୟଭୀତ। ଖବରପାଇ ଥାନାଧିକାରୀ ପରମାନନ୍ଦ ସୁନାନୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବ୍ୟାନର ଜବତ କରିଥିଲେ। ପରେ ସ୍କୁଲ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଏହା ମାଓବାଦୀଙ୍କର ନୁହେଁ ବରଂ କୌଣସି ଦୁର୍ବୃତ୍ତଙ୍କ କାମ। ତେଣୁ ଭୟଭୀତ ନ ହେବାକୁ ଥାନାଧିକାରୀ ପରାମର୍ଶ ଦେଇଛନ୍ତି।

## ଜଙ୍ଗଲ, ବନ୍ୟପ୍ରାଣୀ ସୁରକ୍ଷା ନିମନ୍ତେ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ

ମୁନିଗୁଡ଼ା,୭।୩(ଡି.ଏନ୍.ଏ.)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ମୁନିଗୁଡ଼ା କଲେଜରେ ସଚେତନତା କାର୍ଯ୍ୟକ୍ରମ**

ରାୟଗଡ଼ା ଜିଲା ମୁନିଗୁଡ଼ା ମହାବିଦ୍ୟାଳୟର ଯୁକ୍ତ୨ ଓ ସ୍ନାତକ ଛାତ୍ରୀଛାତ୍ରଙ୍କୁ ନେଇ ଜଙ୍ଗଲ, ପରିବେଶ, ବନ୍ୟପ୍ରାଣୀ ସୁରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟି ସମ୍ପର୍କିତ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ପରିବେଶବିତ୍ ତଥା ଅବୈତନିକ ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତଙ୍କ ପ୍ରଚେଷ୍ଟାରେ ଜିଲାବ୍ୟାପୀ ଏହି ସଚେତନତା ଶିବିର ମୁନିଗୁଡ଼ା ମହାବିଦ୍ୟାଳୟରୁ ଆରମ୍ଭ ହୋଇଛି। ଅଧ୍ୟକ୍ଷ ହୃଷିକେଶ ଜାଲି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ମୁନିଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, ମୁଖ୍ୟବକ୍ତା ପରିବେଶବିତ୍ ଗୌରାଙ୍ଗ ଚରଣ ରାଉତ, ସମ୍ମାନିତ ଅତିଥି ରୂପେ ଇତିହାସ ବିଭାଗ ଅଧ୍ୟାପିକା ନିବେଦିତା ନାୟକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଜଙ୍ଗଲ ସୁରକ୍ଷା ଉପରେ ମାର୍ଗଦର୍ଶନ କରିଥିଲେ।

ମୁଖ୍ୟବକ୍ତା ନିଜ ବକ୍ତବ୍ୟରେ ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱକୁ ଆଗାମୀ ମହାବିପଦ ମାନଙ୍କରୁ ବଞ୍ଚାଇବାକୁ ହେଲେ ଜଙ୍ଗଲ, ପରିବେଶ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ସହ ବହୁଳ ମାତ୍ରାରେ ଚାରାରୋପଣ ଅନିବାର୍ଯ୍ୟ ବୋଲି କହିଛନ୍ତି। ଏଥିପାଇଁ ଆଗାମୀ ପିଢ଼ିକୁ ସଚେତନ ଓ ସତର୍କ ରହିବା ପାଇଁ ଆହ୍ୱାନ କରିଛନ୍ତି। ମୁନିଗୁଡ଼ା ବନାଞ୍ଚଳ ଅଧିକାରୀ ଜଙ୍ଗଲ ଆଉ ଜୀବନ ଏକ ମୁଦ୍ରାର ଦୁଇ ପାର୍ଶ୍ୱ ବୋଲି କହିଛନ୍ତି। ସେହିପରି ସେକେଣ୍ଡାରୀ ଛାତ୍ରୀଛାତ୍ରଙ୍କ ସଚେତନତା ଶିବିରରେ ଅଧ୍ୟକ୍ଷ ଦେବାନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ। ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ନିଆଁ ଦାଉରୁ, ଚୋରିରୁ ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମହାବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଅଧ୍ୟାପିକା ନିବେଦିତା ନାୟକ ଧନ୍ୟବାଦ ଦେଇଥିଲେ।

## ବିଜେଡିରେ ମିଶିଲେ ୬୦ କଂଗ୍ରେସ କର୍ମୀ

ରାୟଗଡ଼ା ଅଫିସ, ୭।୩

ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓଙ୍କ ରାୟଗଡ଼ାସ୍ଥିତ ବାସଭବନରେ ସୋମବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ପୌରାଞ୍ଚଳର ୧୯ନଂ. ୱାର୍ଡର ୬୦ ଜଣ କଂଗ୍ରେସ କର୍ମୀ ବିଧିବଦ୍ଧଭାବେ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୁଶାସନ, ଆଦର୍ଶ ଏବଂ ସ୍ୱଚ୍ଛ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ବିଜେଡିରେ ମିଶିଥିବା ସେମାନେ କହିଛନ୍ତି। ରାୟଗଡ଼ା ଯୁବକଂଗ୍ରେସ ସଭାପତି ସନ୍ତୋଷ କୁମାର ମାଣ୍ଡାଙ୍ଗୀଙ୍କ ନେତୃତ୍ୱରେ ଦଳ ଛାଡ଼ି ବିଜେଡିରେ ମିଶିଥିବା ନୂତନ କର୍ମୀମାନଙ୍କୁ ଆନୁଗତ୍ୟ ହୋଇ ସଂଗଠନ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରନ୍ତୁ ବୋଲି ଏନ୍. ଭାସ୍କର ରାଓ ଗୁରୁମନ୍ତ୍ର ଦେଇଛନ୍ତି।

## କଲ୍ୟାଣ ବିଭାଗ ସ୍କୁଲରେ ପ୍ରବେଶ ଉତ୍ସବ

ଗୁଣପୁର,୭।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଡମ୍ବସରାସ୍ଥିତ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସେମ ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ରମେଶ ଚନ୍ଦ୍ର ଲିମା ଏବଂ ବକ୍ତାଭାବେ ସାମାଜିକ



କର୍ମୀ ଅକ୍ଷୟ ଦାସ, ସମ୍ମାନିତ ଅତିଥି ରୂପେ ସାମାଜିକ କର୍ମୀ ରାଜେଶ୍ୱରୀ ଦଳାଇ, ସ୍କୁଲ ସଭାପତି ଅଶ୍ୱିନି ଶବର ପ୍ରମୁଖ ମଞ୍ଚାସିନ ଥିଲେ। କ୍ରୀଡ଼ା ଶିକ୍ଷକ ମନୋଜ ତୁଳଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୌର ନିର୍ବାଚନ

### ଶୋଭାଯାତ୍ରାରେ ଯାଇ ନାମାଙ୍କନ ଦାଖଲକଲେ ୩ ପ୍ରମୁଖ ଦଳର ପ୍ରାର୍ଥୀ


କଂଗ୍ରେସ ପ୍ରାର୍ଥୀମାନେ ଶୋଭାଯାତ୍ରାରେ ନାମାଙ୍କନ ଦାଖଲ କରିବାକୁ ଯାଉଛନ୍ତି ।

ଉମରକୋଟ, ୭।୩(ସ୍ୱ.ପ୍ର.)

ଚଳିତ ପୌର ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ସୋମବାର ଥିଲା ଅନ୍ତିମ ଦିବସ। କଂଗ୍ରେସ, ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ଶୋଭାଯାତ୍ରାରେ ସହର ପୂରା ଦୁଲିକିଗଲା। ଭାଲୁଗୁଡା ଶିବମନ୍ଦିରରୁ କଂଗ୍ରେସର ଏକ ବିରାଟ ଶୋଭାଯାତ୍ରା ଡିଏନ୍‌କେ ଦେଇ ସହର ପରିକ୍ରମା କରି ପୌର ପରିଷଦ କାର୍ଯ୍ୟାଳୟରେ ପହଞ୍ଚିଥିଲା। ନିର୍ବାଚନ ଅଧିକାରୀ ତଥା ନବରଙ୍ଗପୁର ଅତିରିକ୍ତ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତଙ୍କ ନିକଟରେ ଅଧ୍ୟକ୍ଷା ପ୍ରାର୍ଥୀ ଦମୟନ୍ତୀ ବିସାରୀ ଓ ୧୪ନଂ. ୱାର୍ଡର ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଥିଲେ। ଏହି ସମୟରେ କଂଗ୍ରେସର ବରିଷ୍ଠ ନେତା ଇଶା ଲାଠିଆ, ଆଇନଜୀବୀ ଶଙ୍କର ଦେ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ବାବୁଲା ପଟ୍ଟନାୟକ, ନଗର ସଭାପତି ଗୁଲୁ ସାହୁ, ଅମୂଲ୍ୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଉମରକୋଟ ଡିଏନ୍‌କେ ରାଜସ୍ୱ ବଙ୍ଗଳାରୁ ବିଜେଡିର ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ପୂର୍ବତନ ନଗରପାଳ ଖାଡେଶ୍ୱର ମହାନ୍ତି, ପ୍ରମୋଦ ପାଢ଼ୀ, ମନୋଜ ଧଳ, ରଜତ ସାନ୍ତ୍ରା, ରଶ୍ମି ସାନ୍ତ୍ରା, କୈଳାସ ନାୟକ, କାଳୁ ପଣ୍ଡା, ଚନ୍ଦନା ମଲ୍ଲିକ ଅଧ୍ୟକ୍ଷା ପ୍ରାର୍ଥୀ ରାଧା ଭତରାଙ୍କ ସମେତ ୧୪ ୱାର୍ଡର କାଉନ୍‌ସିଲର ପ୍ରାର୍ଥୀ ଥିଲେ। ପ୍ରାର୍ଥୀମାନେ ନିଜ ନାମାଙ୍କନ ଦାଖଲ କରିଥିଲେ। ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଦଳୀୟ କାର୍ଯ୍ୟାଳୟରୁ ଭାଜପାର ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପୌର ପରିଷଦ କାର୍ଯ୍ୟାଳୟରେ ପହଞ୍ଚିଥିଲା। ରିଙ୍କି ଗଣ୍ଡ ଅଧ୍ୟକ୍ଷା ଓ କାଉନ୍‌ସିଲରମାନେ ନିଜ ନାମାଙ୍କନ ଦାଖଲ କରିଥିଲେ। ଏହି ସମୟରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଭ୍ୟ ରମେଶ ଚନ୍ଦ୍ର ସାହୁ, ରାଜ୍ୟ ସଂଖ୍ୟା ଲଘୁ ସେଲ୍ ସଭାପତି କାଜାମ ମଦାନି, ନଗର ସଭାପତି ସୁରେଶ ଆଚାର୍ଯ୍ୟ, ସନତ ଠାକୁର ଉପସ୍ଥିତ ଥିଲେ। ସେମାନଙ୍କ ବ୍ୟତିତ ବହୁଜନ ସମାଜବାଦୀ ପାର୍ଟିରୁ ସନ୍ତୋଷୀ ମାଝି ଓ ସ୍ୱାଧୀନ ପ୍ରାର୍ଥୀଭାବେ ମୋହିନୀ ନାୟକ ପୌରଧ୍ୟକ୍ଷ ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ୧୪ ୱାର୍ଡ ପାଇଁ ୪୭ ଜଣ ପାର୍ଥିପତ୍ର ଦାଖଲ କରିଥିବା ସୂଚନା ମିଳିଛି।

### ନୀଲମ୍ ହରିଜନ କଂଗ୍ରେସର ନବରଙ୍ଗପୁର ଅଧ୍ୟକ୍ଷା ପ୍ରାର୍ଥୀ

ନବରଙ୍ଗପୁର,୭।୩(ବି.ପ୍ର.)

ନବରଙ୍ଗପୁର ପୌରାଧ୍ୟକ୍ଷା ପ୍ରାର୍ଥୀଭାବେ କଂଗ୍ରେସର ନୀଲମ ହରିଜନ ସୋମବାର ନାମାଙ୍କନ ଦାଖଲ କରିଛନ୍ତି। ତାଙ୍କ ବ୍ୟତିତ ୱାର୍ଡ ନଂ–୩ରୁ ମାଣିକ ନାୟକ, ୪ରୁ ଟି. ସୁନିତା, ୧୧ରୁ ମିନତୀ ପଟ୍ଟନାୟକ, ୧୨ରୁ ଜସ୍‌ମିନ ନାୟକ, ୧୪ରୁ ସୁମନ ପାତ୍ରବାଘ, ୧୫ରୁ ଜୟନ୍ତୀ ସାହୁ ଓ ସଞ୍ଜୀବ ନାୟକ, ୧୬ରୁ ସୁଧୀର କୁମାର ପାତ୍ର କାଉନ୍‌ସିଲରଭାବେ ନାମାଙ୍କନ ଦାଖଲ କରିଛନ୍ତି। ଏହି ସମୟରେ ରାଜ୍ୟ କଂଗ୍ରେସ କମିଟି ଉପସଭାପତି ଭୁଜବଳ ମାଝି, ସଦନ ନାୟକ, ବରିଷ୍ଠ ନେତା ସୁବାଷ ଚନ୍ଦ୍ର ସୁର, ସତ୍ୟନାରାୟଣ ତ୍ରିପାଠୀ, ପିସିସି ସଭ୍ୟ ଦିଲ୍ଲୀପ ବେହେରା, ବୃନ୍ଦାବନ ତ୍ରିପାଠୀ, ଅବ୍‌ଦୁଲ ଫିରୋଜ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଦ୍ୱାରିକା ମହାପାତ୍ର, ବାସୁଦେବ ପଟ୍ଟନାୟକ ସାଧାରଣ ସମ୍ପାଦକ ପ୍ରଦୀପ ସାହୁ ଉପସ୍ଥିତ ଥିଲେ।

### ରାୟଗଡ଼ା ପୋରାଧ୍ୟକ୍ଷ ପାଇଁ ୧୪, କାଉନ୍‌ସିଲର ପ୍ରାର୍ଥୀ ୯୪

ରାୟଗଡ଼ା ଅଫିସ,୭।୩

ପୌର ନିର୍ବାଚନ ପାଇଁ ସୋମବାର ପ୍ରାର୍ଥିପତ୍ର ଦାଖଲ କରିବାର ଶେଷଦିନ ରହିଥିଲା। ଶେଷଦିନରେ ରାୟଗଡ଼ା ପୌରାଧ୍ୟକ୍ଷ ଆସନ ପାଇଁ ବିଜେଡି, ଭାଜପା, କଂଗ୍ରେସ ସମେତ ଅନ୍ୟ ଦଳ ପକ୍ଷରୁ ପ୍ରାର୍ଥି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡିରୁ ମହେଶ ପଟ୍ଟନାୟକ, ଭାଜପାରୁ ପଦ୍ମନାଭ ଦାସ, କଂଗ୍ରେସରୁ ଆପଲ ସ୍ୱାମୀ କାଡ୍ରାକା, ସ୍ୱାଧୀନ ପ୍ରାର୍ଥୀ ସଦାଶିବ ତ୍ରିପାଠୀ, ଶିବାଜୀ ଦାସ, ବି. ଗଙ୍ଗାଧର, ସି.ବି.ଏନ୍. ମୂର୍ତ୍ତି, ସତୀଶ କୁମାର ଗୋଟା, ମମତା ମାଝି, ଆମ୍ ଆଦମୀ ପାର୍ଟିର ଜନ୍ମେଜୟ ସ୍ୱାଇଁ, ନବ ଭାରତ ନିର୍ବାଣ ସେବା ଦଳର ଏ. ବାବୁରାଓ, ରାଜା ଆଗଡାଲା, ସିପିଆଇ(ଏମ୍‌ଲ୍)ର ଦୋରା କଣ୍ଡାଗରି, ବିଏସ୍‌ପିର ରାମ ବାଡ୍ରା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପୌରାଧ୍ୟକ୍ଷ ଆସନ ପାଇଁ ମୋଟ ୧୪ ପ୍ରାର୍ଥୀ ଏବଂ ୨୪ ଟି ୱାର୍ଡର କାଉନ୍‌ସିଲର ପଦ ପାଇଁ ୯୪ ପ୍ରାର୍ଥି ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି।

### ନାମାଙ୍କନ ଦାଖଲ କଲେ ୬୪ ପ୍ରାର୍ଥୀ

ନବରଙ୍ଗପୁର,୭।୩ (ବି.ପ୍ର.)

ନବରଙ୍ଗପୁର ପୌର ନିର୍ବାଚନ ୨୦୨୨ର ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନରେ ୩ ପ୍ରମୁଖ ଦଳର ପୌର ଅଧ୍ୟକ୍ଷ ପ୍ରାର୍ଥୀ ସହିତ ସ୍ୱାଧୀନ ପ୍ରାଥୀ ନାମାଙ୍କନ ଦାଖଲ କରିଛନ୍ତି। ୧୭ ୱାର୍ଡ ପାଇଁ କାଉନ୍‌ସିଲରମାନେ ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅଧ୍ୟକ୍ଷ ଆସନରେ ୭ଜଣଙ୍କ ସମେତ ମୋଟ ୬୪ଟି ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି। ମାର୍ଚ୍ଚ ୯ରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ୧୪ ତାରିଖ ମଧ୍ୟରେ ନାମାଙ୍କନ ପ୍ରତ୍ୟାହାର କରିବେ ପ୍ରାର୍ଥୀ।

### ସ୍ୱାଧୀନଭାବେ ନାମାଙ୍କନ ଦାଖଲ କଲେ ଅସନ୍ତୁଷ୍ଟ ବିଜେଡି କର୍ମୀ

ଉମରକୋଟ, ୭।୩(ସ୍ୱ.ପ୍ର.)

ଦୀର୍ଘ ୧୦ ବର୍ଷ ଧରି ନିରନ୍ତର ଦଳ ପାଇଁ କାର୍ଯ୍ୟ କଲେ। ଏପରିକି ତାଙ୍କ ନେତୃତ୍ୱରେ ଦଳ ଗତ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କଲା। କିନ୍ତୁ ଦଳ ପକ୍ଷରୁ ତାଙ୍କୁ ମିଳିଲାନି ୱାର୍ଡ ମେମ୍ବର ଟିକେଟ। ତେଣୁ ସୋମବାର ବିଜେଡିର ସତ୍ୟ ନାରାୟଣ ରାଉତ ୱାର୍ଡ ନଂ ୧ର କାଉନ୍‌ସିଲର ପାଇଁ ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଛନ୍ତି। ସତ୍ୟ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରିବିଜେଡିର ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କ ନେତୃତ୍ୱରେ ଚଳିତ ପଞ୍ଚାୟତ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ ମଧ୍ୟ କରିଥିଲା। ଏହି ଆଧାରରେ ସେ ଉମରକୋଟ ପୌର ପରିଷଦର ୧ ନମ୍ବର ୱାର୍ଡ ସଭ୍ୟଭାବେ ବିଜେଡି ଟିକେଟ ପାଇଁ ଦାବିଦାର ଥିଲେ। କିନ୍ତୁ ଦଳ ତାଙ୍କ ବଦଳରେ ବରିଷ୍ଠ ଆଇନଜୀବୀ ତପନ ଦେବନାଥଙ୍କୁ ସେଠାରେ ଟିକେଟ ପ୍ରଦାନ କରିଛି। ସତ୍ୟ ନିଜ ସମର୍ଥକଙ୍କ ସହ ଶେଷ ଦିନରେ ନାମାଙ୍କନ ଦାଖଲ କରିଛନ୍ତି।

## ଗୁଡ଼ାରିରେ ଏନ୍‌ଏସି ଅଧ୍ୟକ୍ଷା ପାଇଁ ୪ ନାମାଙ୍କନ ପତ୍ର ଦାଖଲ

ଗୁଡ଼ାରି,୭।୩(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ଗୁଡ଼ାରି ଏନ୍‌ଏସିର ଅଧ୍ୟକ୍ଷା ପଦବୀ ନିମନ୍ତେ ମୋଟ ୪ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସୋମବାର କଂଗ୍ରେସ ପକ୍ଷରୁ ରଘୁନାଥ ପାତ୍ରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ବାହାରି ଅଧ୍ୟକ୍ଷା ପ୍ରାର୍ଥିନୀ ନିରୂପମା ଶବର ନିର୍ବାଚନ ଅଧିକାରୀ ଭାରତୀ ଦେବୀଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଗୁଡାରି ଇତିହାସ ରେ ପ୍ରଥମ ଥର ପାଇଁ ସିପିଆଇ(ଏମ୍‌ଲ୍) ଲିବେରସନ ପକ୍ଷରୁ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ମମତା ଶବର ପ୍ରାର୍ଥୀପତ୍ର ଦାଖଲ କରଛନ୍ତି। ଭାଜପା ପକ୍ଷରୁ ଅଞ୍ଜଳି ବିଡିକା ମନୋଜ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ସମର୍ଥକଙ୍କ ସହ ଆସି ନିଜ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଗୁଡାରି ଏନ୍‌ଏସିର ମୋଟ ୧୧ ୱାର୍ଡ ନିମନ୍ତେ ବିଭିନ୍ନ ଦଳ ଓ ସ୍ୱାଧୀନ ଭବେ ମୋଟ ୩୨ ପ୍ରାର୍ଥୀ ଓ ପ୍ରାର୍ଥୀନି କାଉନସିଲର ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବିଜେଡି ସମସ୍ତ ୧୧ ୱାର୍ଡରେ ପ୍ରାର୍ଥୀ ଦେଇଥିବାବେଳେ ଭାଜପା ଦଳ ୮ ନଂ. ଓ ୩ ନଂ. ୱାର୍ଡ ବ୍ୟତୀତ ଅନ୍ୟ ୯ ୱାର୍ଡରେ ପ୍ରାର୍ଥୀ ଦେଇଛି। କଂଗ୍ରେସ ଦଳ ୱାର୍ଡ ନଂ ୯, ୧୦ ଓ ୧୧ ରେ କାଉନସିଲର ପ୍ରାର୍ଥୀ ଦେଇନାହିଁ। ସିପିଆଇ(ଏମ୍‌ଏଲ୍)ଲିବରେସନ କେବଳ ୧୧ ନମ୍ବର ୱାର୍ଡରେ ପ୍ରାର୍ଥୀ ଦେଇଛି। ଶାନ୍ତି ଶୃଙ୍ଖଳାର ସହ ପ୍ରାର୍ଥିପତ୍ର ଦାଖଲ ହୋଇଥିବା ଗୁଡ଼ାରି ଥାନାଧିକାରୀ ସଞ୍ଜୟ କୁମାର ନାୟକ କହିଛନ୍ତି। ପ୍ରାର୍ଥିପତ୍ର ଯାଞ୍ଚ ପରେ ୯ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ।

## ମନ୍ଦିରରେ ବୃଷଭ ପାଣି ପିଉଥିବା ପ୍ରଚାର

### ଧବଳେଶ୍ୱରେ ଶ୍ରଦ୍ଧାଳୁଙ୍କ ଭିଡ଼

ମୁନିଗୁଡ଼ା,୭।୩(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ମୁନିଗୁଡ଼ା ଗୌଡ଼ସାହିସ୍ଥିତ ଧବଳେଶ୍ୱର ମନ୍ଦିରରେ ସୋମବାର ଅଲୌକିକ ଘଟିଥିବା ପ୍ରଚାର ହେବାପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସକାଳ ୯ଟାରେ ଜଣେ ମହିଳା ମନ୍ଦିରରେ ମହାଦେବଙ୍କ ସମ୍ମୁଖରେ ଥିବା ବୃଷଭଙ୍କୁ ଜୁହାର କରିବା ସମୟରେ ହଠାତ ବୃଷଭଙ୍କ ଜିଭ ହାତରେ ସ୍ପର୍ଶ ହୋଇଥିବା ଅନୁଭବ କରିଥିବା ନେଇ ମହିଳା ପ୍ରଚାର କରିଥିଲେ। ପରେ ମହିଳା ବୃଷଭଙ୍କୁ ଶୋଷ ଲାଗୁଥିବା ଭାବି ଚାମଚରେ ପାଣି ପିଆଇଥିଲେ। ଏହାପରେ ବୃଷଭ ପାଣି ପିଉଥିବା ନେଇ ପ୍ରଚାର ହେବା ସହ ଭିଡିଓ ଭାଇରାଲ ହୋଇଥିଲା। ସକାଳ ୯ଟାରୁ ଅପରାହ୍ନ ୧୧ଟା ୪୫ ପର୍ଯ୍ୟନ୍ତ ଏପରି ହୋଇଥିବା କୁହାଯାଉଛି। ଏହାକୁ ନେଇ ମନ୍ଦିରରେ ପ୍ରବଳ ସମାଗମ ହେବା ସହ ସନ୍ଧ୍ୟାରେ ମନ୍ଦିର ପରିସରରେ ଦ୍ୱୀପ ପ୍ରଜଳନ ଓ ଭଜନ ସଂକୀର୍ତ୍ତନ କାର୍ଯ୍ୟକ୍ରମ ହୋଇଛି।

## ୪ ଗ୍ରାମକୁ ନାହିଁ ପକ୍କାରାସ୍ତା

ଦଶମନ୍ତପୁର, ୭।୩ (ଡି.ଏନ.ଏ.)

- ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ
- ପଲ୍ଲିସଭା, ଗ୍ରାମସଭା ପ୍ରସ୍ତାବ କାର୍ଯ୍ୟକାରୀ କରୁନି ପ୍ରଶାସନ
- ରାସ୍ତା ନ ଥିବାରୁ ଗ୍ରାମକୁ ଆସିପାରୁନି ଆମ୍ବୁଲାନ୍ସ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ୪ଟି ଗ୍ରାମର ଗ୍ରାମବାସୀ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ଲାଗି ଦାବିକରିଛନ୍ତି। ଠେଲପଦର, ଚାର୍ନିବେଡ଼ା, ବାଲିଘାଟ, ଘାଟଗୁଡା ଆଦି ଗ୍ରାମଗୁଡ଼ିକ ବ୍ଲକ କାର୍ଯ୍ୟାଳୟଠାରୁ ୧୦ କିମି ଦୂରରେ ରହିଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୧୮ କିମି ଦୂରରେ ରହିଛି। ଗ୍ରାମଗୁଡିକୁ ପକ୍କା ରାସ୍ତାଟିଏ ନ ଥିବାରୁ ଦୀର୍ଘବର୍ଷ ହେଲା ଗ୍ରାମବାସୀ ଯାତାୟାତ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ରାସ୍ତା ନ ଥିବାରୁ ସେମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଆସୁଛନ୍ତି। ଅଣଓସାରିଆ ଖାଲଖମା ରାସ୍ତାରେ ବର୍ଷ ତମାମ ଚଲୁଛନ୍ତି। ଖରାପ ରାସ୍ତା ଯୋଗୁ ଜରୁରୀ ସମୟରେ ଗ୍ରାମକୁ ଆମ୍ବୁଲାନ୍ସ ଆସୁନାହିଁ। କେହି ଅସୁସ୍ଥ ହୋଇପଡିଲେ ଭାର ଏବଂ ଦୋଳା କରି ତାଙ୍କୁ ଠେଲପଦର ଗ୍ରାମ ଛକଯାଏ ନେବାକୁ ପଡ଼ିଥାଏ ବୋଲି ଗ୍ରାମର ଧବଲୁ ଜାନି, ରଇଲୁ ଜାନି, ପଦ ଗୌଡ, ଚକ୍ର ମୁଦୁଲି, ଝିନ ମୁଦୁଲି କହିଛନ୍ତି। ପ୍ରତି ବର୍ଷ ପଲ୍ଲିସଭା ଓ ଗ୍ରାମ ସଭାରେ ରାସ୍ତା ନିର୍ମାଣ ଲାଗି ପ୍ରସ୍ତାବ ଆଗତ ହେଉଛି। ଏନେଇ ଆଲୋଚନା ମଧ୍ୟ ହେଉଛି। ବ୍ଲକ ଓ ଜିଲା ପ୍ରଶାସନକୁ ଅବଗତ କରାଯାଉଛି। ମାତ୍ର କିଛି ସୁଫଳ ମିଳୁନାହିଁ। ପ୍ରଶାସନ ଏ ଦିଗରେ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଗ୍ରାମକୁ ପକ୍କା ରାସ୍ତା ନେଇ ଅଭିଯୋଗ କରୁଛନ୍ତି ଗ୍ରାମବାସୀ।

ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ୮ ମାର୍ଚ୍ଚ, ୨୦୨୨



### ଚିତ୍ରକୋଣ୍ଡାରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ

ଚିତ୍ରକୋଣ୍ଡା,(ଡି.ଏନ.ଏ.)- ମାଲକାନଗିରି ଜିଲା ବନଖଣ୍ଡ ଅଧୀନ ଚିତ୍ରକୋଣ୍ଡା ବନାଞ୍ଚଳ ଆନୁକୂଲ୍ୟରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ପରିସରରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ବଳରାମ ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମେଡିକାଲ ପରିସର ମଧ୍ୟରେ ପଡ଼ିଥିବା ଜରି, ପଲିଥିନ ଭଳି ପ୍ଲାଷ୍ଟିକ ଦ୍ରବ୍ୟ ସଫା କରାଯାଇଥିଲା। ଏହି ଅବସରରେ ଜଙ୍ଗଲରେ ନିଆଁ ଲଗାଇବା ଠାରୁ ଦୂରେଇ ରହିବାକୁ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ମେଡିକାଲ ପରିସରକୁ ଚିତ୍ରକୋଣ୍ଡା ଉପଖଣ୍ଡର ଅଧକ୍ଷ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ ବନପାଳ ମୃତ୍ୟୁଞ୍ଜୟ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୩୫୭ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ମାଲକାନଗିରି, ୭।୩(ଡି.ଏନ୍.ଏ.)- ମାଲକାନଗିରି ଜିଲା ଓ ଓର୍କେଲ ଥାନା ତରଫରୁ ଗଞ୍ଜେଇ ଚୋରାଚାଲାଣ ବେଳେ ଧରାପଡିଛି। ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ନବରଙ୍ଗପୁର ଜିଲା ଡାବୁଗାଁର ଶେଖ୍ ଅସଲମ୍। ତାଙ୍କଠାରୁ ୩୫୭ କେଜି ଗଞ୍ଜେଇ ଜବତ ହୋଇଥିବା ଜଣାପଡିଛି। ରବିବାର ରାତିରେ ଓର୍କେଲ ଥାନା ଏସ୍ଆଇ ବି. ସାହୁ ହରିପୁର ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ଗଞ୍ଜେଇ ଧରି ଆସୁଥିବା ଅସଲମ୍ ଧରାପଡିଥିଲେ।

### ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ

କୁଡୁମୁଲୁଗୁମ୍ମା,୭।୩(ଡି.ଏନ.ଏ.)-କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରକୁ ସୋମବାର ଓଡିଶା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡ଼. ରାମକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ କାୟକଳ୍ପର ଏକ ଟିମ୍ ପରିଦର୍ଶନ କରିଥିବା ଜଣାପଡିଛି। ଉକ୍ତ ଟିମରେ ରାଜ୍ୟ ଏନସିଡିର ପ୍ରକଳ୍ପ ପରିଚାଳକ ଲଳିତ ମୋହନ ସାହୁ,ରାଜ୍ୟ ତମାଖୁ ନିୟନ୍ତ୍ରଣ ବିଭାଗର ପ୍ରକଳ୍ପ ଅଧିକାରୀ ଡ଼. ବିଶ୍ୱ ରଞ୍ଜନ ପୁରୋହିତ, ରାଜ୍ୟ ସ୍ୱାସ୍ଥ୍ୟ ଗୁଣବତ୍ତାର ସହକାରୀ ପରିଚାଳକ ସଚିନ ଦେବ ଗୌଡ଼ ଓ ମାଲକାନଗିରି ଜିଲା ଏନସିଡିର ସହକାରୀ ପରିଚାଳକ ଶିବ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ। କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଷଡ଼ଙ୍ଗୀ, ବିପିଏମ ହର ପ୍ରସାଦ ତାରିଣୀ, ସଞ୍ଜୟ ପୃଷ୍ଟି,ପଦ୍ମ ଚରଣ ପଣ୍ଡା, ରଞ୍ଜନ ନାୟକ, ପି. ଧୀରେଶ ପାତ୍ର ଓ ଇନ୍ଦ୍ରଜିତ ଦାସ ପ୍ରମୁଖ ଉପସ୍ଥିତ ରହି କାୟାକଳ୍ପ ଟିମକୁ ସହଯୋଗ କରିଥିଲେ। ଟିମ ୭ ଘଣ୍ଟା ଧରି ହସପିଟାଲ ପରିସରରେ ରହି ସ୍ୱାସ୍ଥ୍ୟସେବାର ବିଭିନ୍ନ ଦିଗ ଉପରେ ତର୍ଜମା କରିଥିଲେ।

### ବ୍ଲକସ୍ତରୀୟ ସାମାଜିକ ଅଡିଟ କାର୍ଯ୍ୟକ୍ରମ

କାଲିମେଳା,୭।୩(ଡି.ଏନ.ଏ)- ମାଲକାନଗିରି ଜିଲା କାଲିମେଳାରେ ବ୍ଲକସ୍ତରୀୟ ସାମଜିକ ଅଡିଟ କାର୍ଯ୍ୟକ୍ରମ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ୨୩ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଏମଜିଏନଆରଇଜିଏସ ଏବଂ ଖାଦ୍ୟ ସୁରକ୍ଷା ବାବଦରେ ଏହି ସମୀକ୍ଷା ହୋଇଥିଲା। ବିଡିଓ ଉମା ଶଙ୍କର ଦଳାଇଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ଏଡିଏମ ଭୀମସେନ ପ୍ରଧାନ,ଡିଏସଏ ସୁବ୍ରତ ସାମଲ,ସିଡିପିଓ ଅନ୍ନପୂର୍ଣ୍ଣା ବୁରୁଦା,ଏବିଡିଓ ବସନ୍ତ ବେହେରା,ଏମଜିଏନଆରଜିଏସର ପ୍ରୋଗ୍ରାମ ଅଫିସର ସବ୍ୟସାଚୀ ଦାସ ପ୍ରମୁଖ ଉପସ୍ଥିତ ରହି ଗୋଟିଏ ଗୋଟିଏ ପଞ୍ଚାୟତକୁ ନେଇ ଏହାର ସମୀକ୍ଷା କରିଥିଲେ। ସମୀକ୍ଷା ବେଳେ ଭେଙ୍କଟାପଲମ ପଞ୍ଚାୟତରେ ୧୩ ଜଣ ବିଭିନ୍ନ ବର୍ଗର ଅଯୋଗ୍ୟ ହିତାଧିକାରୀ ରହିଥିବା ବେଳେ ଚିତ୍ରାଙ୍କପାଲିରେ ୧୨, ମାନ୍ଧାପାଲି ରେ ଜଣେ ,କାଙ୍ଗୁରୁକୋଣ୍ଡାରେ ୪,କାଲିମେଳାରେ ୭, କଇମେଟଲାରେ ୩ ,ବେଜାଙ୍ଗିବାଡାରେ ୧୫, ଚିନ୍ତଲୱାଡାରେ ୩,ଗମ୍ପାକୋଣ୍ଡା ପଞ୍ଚାୟତରେ ୧୮ ଜଣ ଅଯୋଗ୍ୟ ହିତାଧିକାରୀ ରହିଥିବା ଜଣାପଡିଛି ।

# ଅନ୍ୟ ବ୍ୟାଙ୍କରେ ଜମାଖାତା ନ ଥାଇ ଆସୁଛି ଚାଷୀଙ୍କ ଅର୍ଥ

ବୈପାରିଗୁଡା, ୭।୩ (ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଅନ୍ତର୍ଗତ ବାଲିଗାଁ ପଞ୍ଚାୟତ ବାଲିଗାଁ ଗ୍ରାମର ଚାଷୀ ସୁରେନ୍ଦ୍ର ହରିଜନଙ୍କ କାଳିଆ ଯୋଜନାର ସହାୟତା ରାଶି ଭିନ୍ନ ଜମାଖାତାକୁ ଆସିଥିବା ଜଣାପଡିବା ପରେ ଏବେ ଆଉ ଜଣେ ଚାଷୀଙ୍କ କ୍ଷେତ୍ରରେ ସେପରି ଘଟିଛି। କାଳିଆ ଯୋଜାରେ ସେ ପାଇବାକୁ ଥିବା ଅର୍ଥ ଅନ୍ୟ ଏକ ଜମାଖାତାକୁ ଯାଇଛି। କାଳିଆ ପୋର୍ଟାଲ ଯାଞ୍ଚ କରିବା ପରେ ଏପରି ହୋଇଥିବା ସ୍ପଷ୍ଟ ହୋଇଛି।

**କାଳିଆ ଯୋଜନା ସହାୟତା**

ବ୍ଲକର ପୂଜାରୀଗୁଡା ପଞ୍ଚାୟତ ଭାଲୁଗୁଡା ଗ୍ରାମର ଅର୍ଜୁନ ହରିଜନ କାଳିଆ ଯୋଜନା ସହାୟତା ପାଇବା ପାଇଁ ସ୍ଥାନୀୟ କୃଷି କର୍ମଚାରୀଙ୍କୁ ଆବଶ୍ୟକ କାଗଜପତ୍ର ସହ ବୈପାରିଗୁଡା ଆଇଓବି ବ୍ୟାଙ୍କରେ ଥିବା ତାଙ୍କ ପାସ୍ ବୁକ୍ ନକଲ ଦେଇଥିଲେ। ତାଙ୍କର ପଞ୍ଜୀକରଣ ନମ୍ବର ଜଣାପଡୁ ନ ଥିବା ବେଳେ ଆଧାର ନଂ ୨୭୯୯୮୮୯୮୦୭୨୬। ସହାୟତା ଅର୍ଥ ଆସିଛି କି ନାହିଁ ସେ ବାରମ୍ବାର ବ୍ୟାଙ୍କକୁ ଯାଇ ନିରାଶ ହୋଇ ଫେରିଥିଲେ। ପରେ ସେ କାଳିଆ ପୋର୍ଟାଲ ଯାଞ୍ଚ କରିବାରୁ ତାଙ୍କର ପ୍ରଥମ କିସ୍ତି ୨୦୧୯ ନଭେମ୍ବର ୭ରେ ଫେଲ୍ ହୋଇଥିବା ଜଣାପଡିଥିଲା। ପରେ ତାଙ୍କୁ ଗତବର୍ଷ ଫେବୃୟାରୀ ୧୬, ମେ ୧୫ ଓ ଜୁଲାଇ ୧ରେ ୩ଟି କିସ୍ତିରେ ସହାୟତା ଅର୍ଥ ବ୍ୟାଙ୍କ ଅଫ୍ ବରୋଦା ଜୟପୁର ଶାଖାକୁ ଆସିଥିବା ଜଣାପଡିଥିଲା। ମାତ୍ର ଉକ୍ତ ବ୍ୟାଙ୍କରେ ଅର୍ଜୁନ ଜମାଖାତା ଖୋଲି ନ ଥିବାରୁ ଅର୍ଥ ଉଠାଣ ନେଇ ଦ୍ୱନ୍ଦ୍ୱରେ ପଡିଥିଲେ। ପରେ ସେ ଆଧାର କାର୍ଡ ସହାୟତାରେ ଫିଙ୍ଗରପ୍ରିଣ୍ଟ ଦେଇ ଯାଞ୍ଚ କରିବାରୁ ଉକ୍ତ ବ୍ୟାଙ୍କର ଜମାଖାତାରେ ତାଙ୍କର ୧୩ ହଜାର ୫ ଶହ ଟଙ୍କା ଥିବା ଜାଣିବାକୁ ପାଇଥିଲେ। ପରେ ସେ ଆଧାରକାର୍ଡ ମାଧ୍ୟମରେ ୧୩ ହଜାର ଟଙ୍କା ଉଠାଇଥିଲେ। ସେ ୩ କିସ୍ତି ବାବଦରେ ୧୫ ହଜାର ଟଙ୍କା ପାଇବାକୁ ଥିବା ବେଳେ ତାଙ୍କ ଜମାଖାତାକୁ ୧୫ଶହ ଟଙ୍କା କମ୍ ଆସିଛି। ଏହି ଟଙ୍କା କୁଆଡେ ଗଲା ସେ ଜାଣିପାରୁନାହାନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ନନ୍ଦୁ ଜାନିଙ୍କୁ ପଚାରିବାରୁ ଏନେଇ ଲିଖିତ ଅଭିଯୋଗ ଆସିଲେ ସେ ତଦନ୍ତ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି ପ୍ରକାଶ କରଥିଲେ।

## ଘାଟିରେ ଯାତ୍ରୀବାହୀ ଭ୍ୟାନ୍ ଓଲଟି ୧୪ ଆହତ



ଘାଟି ତଳକୁ ଓଲଟି ପଡିଥିବା ଭ୍ୟାନ୍ ।

ନାରାୟଣପାଟଣା , ୭।୩(ଡିଏନଏ )

କୋରାପୁଟ ଜିଲା ନାରାୟଣପାଟଣାରୁ ଯାତ୍ରୀ ନେଇ ବୋରିଗିକୁ ଯାଉଥିବା ଏକ ଯାତ୍ରୀବାହୀ ଭ୍ୟାନ୍ସୋମବାର ଅପରାହ୍ନରେ ଭାରସାମ୍ୟ ହରାଇ ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୧୪ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ଜଣ ଚିକିତ୍ସିତ ହେଉଥିବା ବେଳେ ଅନ୍ୟମାନଙ୍କୁ ଚିକିତ୍ସା ପରେ ଘରକୁ ଛାଡି ଦିଆଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

ଖବରରୁ ଜଣାପଡିଛି ୨୦ଜଣ ଯାତ୍ରୀଙ୍କୁ ଧରି ଭ୍ୟାନ (ଓଆର୍ ୧୦ଜି ୭୫୧୦) ଟି ନାରାୟଣପାଟଣାରୁ ବୋରିଗି ଅଭିମୁଖେ ଯାଉଥିବା ବେଳେ ବୋରିଗି ଘାଟିରେ ବିପରୀତ ଦିଗରୁ ୨ଟି ମୋଟରସାଇକେଲ ଯାତ୍ରୀବାହୀ ଭ୍ୟାନ ସାମ୍ନାକୁ ଆସିଯିବାରୁ

**ସେହି ରାସ୍ତାରେ ଯାଉଥିବା ବିଡିଓ ଅଟକିଲେନି**

ଡ୍ରାଇଭର ଭାରସାମ୍ୟ ହରାଇ ଗାଡିକୁ ରାସ୍ତା ତଳକୁ ଖସେଇ ଦେଇଥିଲେ। ଫଳରେ ଭ୍ୟାନ୍ଟି ଓଲଟି ପଡିଥିଲା। ଦୁର୍ଘଟଣା ସ୍ଥାନରୁ କେତେକ ବ୍ୟକ୍ତି ବହୁ କଷ୍ଟରେ ଗ୍ରାମକୁ ଆସି ମେଡିକାଲ ଏବଂ ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ କେତେକ ଗଣମାଧ୍ୟମ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚି କେତେକ ଆହତଙ୍କୁ ମୋଟରସାଇକେଲ ଓ ଅଟୋରେ ମେଡିକାଲକୁ ପଠାଇବା ବ୍ୟବସ୍ଥା କରିଥିଲେ। ଗାଡି ମାଲିକ ନରେନ୍ଦ୍ର ତାଡିଙ୍ଗିଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଦୁର୍ଘଟଣାଗ୍ରସ୍ତ ହୋଇ ଆହତମାନେ ରାସ୍ତାରେ ରକ୍ତାକ୍ତ ଅବସ୍ଥାରେ ପଡିରହିଥିବା ବେଳେ ସେହି ସମୟରେ ନାରାୟଣପାଟଣା ବିଡିଓ ଯଦୁମଣି ନାୟକ ସେହି ରାସ୍ତାରେ ଯାଇଥିଲେ ମଧ ସେ ଅଟକି ନ ଥିଲେ।

# ସୀମାନ୍ତ ଗ୍ରାମରେ ଏଣିକି ଚାଉଳ ବଣ୍ଟନ କରିବ ସ୍ୱୟଂ ସହାୟକ ଗୋଷ୍ଠୀ

ପଟ୍ଟାଙ୍ଗୀ, ୭।୩(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ରସୀମାନ୍ତ କୋଟିଆ ପଞ୍ଚାୟତବାସୀ ପିଡିଏସ୍ ସାମଗ୍ରୀ ପ୍ରତିମାସରେ ସୁବିଧାରେ ପାଇବା ଲାଗି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏଣିକି ଏହି ପଞ୍ଚାୟତବାସୀଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ଚାଉଳ, ଗହମ ଆଦି ରାଶନ ସାମଗ୍ରୀ ଯୋଗାଇବେ। ବିଡିଓ ସୌମ୍ୟ ସାର୍ଥକ ମିଶ୍ରଙ୍କ ନିର୍ଦ୍ଦେଶରେ ବ୍ଲକ ଯୋଗାଣ ଅଧିକାରୀ ସୋନାଲି ଖିରାଙ୍କ ତତ୍ତ୍ୱାବଧାନରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ଲିମ୍ବୁ ଗେମେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫଙ୍ଗୁଣସିନେରି ଗ୍ରାମର ବାଙ୍ଗାରାମାଁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଚାଉଳ ବଣ୍ଟନ ଦାୟିତ୍ୱ ଦେଇଥିଲେ। କୋଟିଆ ପଞ୍ଚାୟତର ଫାଟୁସିନେରି, ଡୋଲିଆମ୍ବ, ହରମାଣ୍ଡାଙ୍ଗି, ମାଡକାର, ବର୍ଣ୍ଣନାପାଡୁ, କଣାଦୋରା ଓ ସଲପଗୁଡା ଗ୍ରାମର ୧୪୭୨ ହିତାଧିକାରୀ ଉପକୃତ ହେବେ। ସେମାନେ ପ୍ରତିମାସରେ ନିଜ ନିଜ ଗ୍ରାମରୁ ୧୩ କି.ମି. ଘାଟି ରାସ୍ତା ଦେଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ନିଜ ରାଶନ ସାମଗ୍ରୀ ଆଣୁଥିଲେ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ଉପରୋକ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ଚାଉଳ ବଣ୍ଟନ ଦାୟିତ୍ୱ ଦେଇଛି। ଏହାଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ମଧ୍ୟ ରୋଜଗାରକ୍ଷମ ହୋଇପାରିବେ ବୋଲି ପିଇଓ ନବ ହନ୍ତାଳ କହିଛନ୍ତି। କାର୍ଯ୍ୟକ୍ରମକୁ ଯୋଗାଣ ସହାୟକ ରୀନା ଖିଲ ପରିଚାଳନା କରିଥିଲେ।



ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ରାଶନ ସାମଗ୍ରୀ ନେବାକୁ ଗ୍ରାମବାସୀଙ୍କ ଭିଡ।

## କର୍ଣ୍ଣାଟକରେ ଫସିଛନ୍ତି ୫ ଦାଦନ

ମାଲକାନଗିରି,୭।୩ (ଡି.ଏନ୍.ଏ.)–

କର୍ଣ୍ଣାଟକର ଦେବାଙ୍ଗିର ଜିଲା ଅନ୍ତର୍ଗତ ଜାଗଲୁରୁ ତାଲୁକ ଗ୍ରାମରେ କାମ କରିବାକୁ ଯାଇ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତ ମହୁପଦର ଗ୍ରାମର ୫ଜଣ ଶ୍ରମିକ ଫଶି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ସିପିଆଇ (ଏମ୍) ର ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏବଂ ଜିଲା ଜୋନ୍ ସମ୍ପାଦକ ବ୍ରଜ ମାଝୀ ମାଲକାନଗିରି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସମ୍ପୃକ୍ତ ୫ଜଣ ହେଲେ ଉମ୍ବରୁ ଶିଶା, ଶଙ୍କର ଖିଲ, ଲକ୍ଷ୍ମଣ ଖିଲ, ଗୁରୁ ଖିଲ ଓ ହର ଖିଲ। ଏମାନେ ଦାଦନ ଖଟିବାକୁ ଜଣେ ବ୍ୟକ୍ତିଙ୍କ ସହାୟତାରେ କର୍ଣ୍ଣାଟକ ଯାଇଥିଲେ। ସେଠାରେ ସେମାନଙ୍କୁ ନଳକୂପ ଖନନ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସେଠାରେ କାମ କରାଉଥିବା ମାଲିକ ସେମାନଙ୍କ ମୋବାଇଲ ଫୋନ ଛଡାଇ ନେବା ସହ ସମସ୍ତଙ୍କୁ ୧୮ ଘଣ୍ଟା କାମ କରାଉଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। କୌଣସି ପ୍ରକାରେ ସେମାନେ ମାଲକାନଗିରି ଫୋନ କରିବା ପରେ ଏହି ଖବର ସିପିଆଇ (ଏମ୍) କର୍ମକର୍ତ୍ତାଙ୍କ ନିକଟରେ ପହଞ୍ଚିଥିଲା। ଇତି ମଧ୍ୟରେ ଜିଲାପାଳ ବିଶାଳ ସିଂ ମଧ୍ୟ ଦେବାଙ୍ଗିରି ପୋଲିସ ସହ କଥାବାର୍ତ୍ତା କରି ସେମାନଙ୍କୁ ଉଦ୍ଧାର କରିବା ପାଇଁ ସମସ୍ତ ବ୍ୟବସ୍ଥା କରିଥିବା ଜଣାପଡିଛି।

## ଶେଷ ଦିନରେ ୫୨ ଦାଖଲ କଲେ ନାମାଙ୍କନପତ୍ର



କୋରାପୁଟରେ ପ୍ରାର୍ଥୀମାନେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ।

କୋରାପୁଟ,୭।୩(ସ୍ୱ.ପ୍ର)

ସୋମବାର କୋରାପୁଟ ମ୍ୟୁନିସିପାଲିଟିରେ ୫୨ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରେ ୪ ଜଣ ଅଧ୍ୟକ୍ଷ ପଦ ଲାଗି ଓ ୪୮ ଜଣ କାଉନସିଲର ପ୍ରାର୍ଥୀ ରୂପେ ସେମାନଙ୍କ ନାମାଙ୍କନପତ୍ର କୋରାପୁଟ ଉପଜିଲାପାଳଙ୍କ ନିକଟରେ ଦାଖଲ କରଥିବା ମ୍ୟୁନିସିପାଲିଟିର ନିର୍ବାଚନ ପରିଚାଳନା ଅଧିକାରୀ ତଥା ଉପଜିଲାପାଳ ଲଳିତ କୁମାର କହଁର ସୂଚନା ଦେଇଛନ୍ତି। କୋରାପୁଟ ମ୍ୟୁନିସିପାଲିଟି ଅଧ୍ୟକ୍ଷ ରୂପେ ବିଜେଡି ପକ୍ଷରୁ ଲଲାଟ ରଞ୍ଜନ ସେଠୀ, ଭାଜପାରୁ ଜି. ସଞ୍ଜୀବ କୁମାର, ସ୍ୱାଧୀନ ପ୍ରାର୍ଥୀ ଭାବେ ଖବରଦାତା ଭୁଷିତ କୁମାର ବିଡିକା, ଉମ୍ବ ସମାଜର ସଭାପତି ଶୁକ୍ରା ଖରା ୪ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି କାଉନସିଲର ପ୍ରାର୍ଥୀ ରୂପେ ବିଜେଡିରୁ ୨୧ ଜଣ, ଭାଜପାରୁ ୯ ଜଣ , କଂଗ୍ରେସରୁ ୨ ଜଣ ,

**କୋରାପୁଟ ମ୍ୟୁନିସପାଲିଟି**

ଆପ୍ରୁ ଜଣେ , ବିଏସ୍ପିରୁ ଜଣେ ଓ ସ୍ୱାଧୀନ ଭାବେ ୧୪ ଜଣ ପ୍ରାର୍ଥୀ ଏପରି ମୋଟ ୪୮ ଜଣ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସୋମାବର ମଧ୍ୟାହ୍ନରେ ଏକ ବିଶାଳ ଶୋଭାଯାତ୍ରାରେ ପ୍ରାର୍ଥୀମାନେ ସହର ପରିକ୍ରମା କରି ନାମାଙ୍କନପତ୍ର ଦାଖଲ କରିଥିଲେ। ବିଜେଡି ପକ୍ଷରୁ ଅଧ୍ୟକ୍ଷ ପାର୍ଥୀ ଲଲାଟଙ୍କ ନାମାଙ୍କନପତ୍ର ଦାଖଲ ସମୟରେ ପର୍ଯ୍ୟବେକ୍ଷକଙ୍କ ସମେତ ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ଓ ଗୁପ୍ତ ପ୍ରସାଦ ଦାସ, ଜିଲା ବିଜେଡି ଉପସଭାପତି ଉତ୍କଳ ରଞ୍ଜନ ନାୟକ ଉପସ୍ଥିତ ଥିଲେ। ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପୂର୍ଣ୍ଣିମା ନାୟକ, ଜିଲା ଭାଜପା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ରଥଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବାଜା, ନାଚ ଗୀତରେ ନାମାଙ୍କନପତ୍ର ଦାଖଲ ଶେଷ

ଜୟପୁର, ୭।୩ (ନି.ପ୍ର.)

ଜୟପୁର ପୌର ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଆଜି ଥିଲା ଶେଷ ଦିବସ। ବିଭିନ୍ନ ରାଜନୈତିକ ଦଳ, ସ୍ୱାଧୀନ ପ୍ରାର୍ଥୀମାନେ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡି ପକ୍ଷରୁ ଅଧ୍ୟକ୍ଷ ପ୍ରାର୍ଥୀ ସୂର୍ଯ୍ୟ ନାରାୟଣ ରଥ ଓ କାଉନସିଲର ପ୍ରାର୍ଥୀମାନେ ପୌର କାଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଥିଲେ । ଏହି ସମୟରେ ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଇନ୍ଦିରା ନନ୍ଦ, ବାଲା ରାୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ପ୍ରାର୍ଥୀ ନରେନ୍ଦ୍ର ମହନ୍ତି ଓ କାଉନସିଲର ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଥିଲେ । କଂଗ୍ରେସ ପ୍ରାର୍ଥୀଙ୍କ ବିଧାୟକ ତାରା ପ୍ରସାଦ ବାହିନୀପତି, ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ନିହାର ବିଷୋୟୀ, ସୁକାନ୍ତ ପଟ୍ଟନାୟକ, ନଳିନି ରଥ ଉପସ୍ଥିତ ଥିଲେ। ସେହିପରି ଭାଜପା ପକ୍ଷରୁ ଅଧ୍ୟକ୍ଷ ପ୍ରାର୍ଥୀ ଭାବେ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଓ କାଉନସିଲରମାନେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି ସମୟରେ ଭାଜପା ନେତା ଗୌତମ ସାମନ୍ତରାୟ ଉପସ୍ଥିତ ଥିଲେ। ଆମ ଆମଦମୀ ପାର୍ଟିରୁ ଅଜିତ ସାହୁ ଅଧ୍ୟକ୍ଷ ପଦ ପାଇଁ ଏବଂ କାଉନସିଲର ପାଇଁ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀଭାବେ କେଶବ ଷଡଙ୍ଗୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅଟୋଚାଳକ ମୀନ କେତନ ଦାସ ଅଟୋ ଶୋଭାଯାତ୍ରାରେ ଆସି ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ରବିନ୍ଦ୍ର ମହାପାତ୍ର ମଧ୍ୟ ନାମାଙ୍କନପତ୍ର ଦାଖଲ କରଛନ୍ତି। ଜୟପୁର ପୌରପାଳିକାରେ ୨୮ଟି ଓାର୍ଡ ପାଇଁ କାଉନସିଲର ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଚଳିତ ଥର ଅଧ୍ୟକ୍ଷ ନିବାଚନ ପାଇ ସିଧା ସଳଖ ନିବାଚନ ହେଉଥିବାରୁ ମଇଦାନରେ ବହୁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଜୟପୁର ପୌରାଞ୍ଚଳରେ କାଉନସିଲର ଓ ଅଧ୍ୟକ୍ଷ ପାଇଁ ୧୫୧ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସେଥିରୁ ୧୬ ଜଣ ଅଧ୍ୟକ୍ଷ ପଦ ପାଇଁ ରହିଛନ୍ତି। ମତଦାନ ପାଇଁ ଜୟପୁରରେ ୬୬ଟି ଭୋଟ ଦାନ କେନ୍ଦ୍ର କରାଯାଇଛି। ଆସନ୍ତା ୨୪ରେ ମହିଳା ୩୨ ହଜାର ୧ ୮୪ , ପୁରୁଷ ୩୦ ହଜାର ୯ ୮୫ ଏବଂ ଅନ୍ୟାନ ୨୩ ଜଣ ଏପରି ମୋଟ ୬୩ ହଜାର ୧୯୨ ଜଣ ଭୋଟର ମତଦାନ କରିବେ।



ଜୟପୁରରେ ପ୍ରାର୍ଥିପତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ।

## ପଙ୍ଖା ଦେଲେ ଭୋଟ ଦେବୁ

ମାଲକାନଗିରି,୭।୩ (ଡି.ଏନ୍.ଏ.)

ମାଲକାନଗିରି ପୌର ପରିଷଦରେ ପୌର ନିର୍ବାଚନ ପାଖେଇ ଆସୁଥିବା ବେଳେ ପଙ୍ଖା ସମସ୍ୟାକୁ ନେଇ ପ୍ରତି ୱାର୍ଡରେ ଭୋଟ ବର୍ଜନ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ମାଲକାନଗିରି ପୌର ପରିଷଦରେ ବର୍ତ୍ତମାନ ସୁଦ୍ଧା ୱାର୍ଡ ନଂ. ୩, ୧୪, ୧୭, ୧୮ରେ ବାସିନ୍ଦା ଘରଡିହ ପଟ୍ଟା ପାଇଁ ଭୋଟ ବର୍ଜନ ଚେତାବନୀ ଦେଇଥିବା ବେଳେ ଏବେ ୱାର୍ଡ ନଂ. ୧୩ ବାସିନ୍ଦା ଘରଡିହ ପଟ୍ଟା ନ ମିଳିବା ଯାଏ ଭୋଟ ବର୍ଜନ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ୱାର୍ଡବାସୀ କହିଛନ୍ତି ଯେ, ଭୋଟ ସମୟରେ ସେମାନଙ୍କ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଉଥିବା ରାଜନୈତିକ ଦଳର ନେତାମାନେ ଭୋଟ ପରେ ସେମାନଙ୍କ ଦେଖା ମିଳୁନାହିଁ। ପୌର ନିର୍ବାଚନରେ ଆମ ୱାର୍ଡରେ କୌଣସି ଦଳୀୟ ନେତା କିମ୍ବା ପ୍ରାର୍ଥୀଙ୍କୁ ପୂରାଇ ଦେବୁନାହିଁ।

# ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ମାଲକାନଗିରି,୭।୩ (ଡି.ଏନ୍.ଏ.)

ସୋମବାର ପୌର ପରିଷଦ ନିର୍ବାଚନର ପ୍ରାର୍ଥିପତ୍ର ଦାଖଲର ଶେଷ ଦିନରେ ମାଲକାନଗିରି ପୌର ପରିଷଦରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ପୂଜାର୍ଚ୍ଚନା କରି ସେମାନଙ୍କ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ପୌର କାର୍ଯ୍ୟାଳୟକୁ ଆସି ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଜେଡିର ପୌର ପରିଷଦ ଅଧ୍ୟକ୍ଷ ପ୍ରାର୍ଥୀ ମନୋଜ କୁମାର ବାରିକ ସମର୍ଥକଙ୍କ ସହ ପ୍ରାର୍ଥିପତ୍ର ଦାଖଲ କରଛନ୍ତି। କଂଗ୍ରେସର ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କ ଉପସ୍ଥିତିରେ ପୌର ଅଧ୍ୟକ୍ଷ ପ୍ରାର୍ଥୀ ଜି. ଶ୍ରୀନିବାସ ରାଓ ଏବଂ ୧୯ଟି ୱାର୍ଡର କାଉନସିଲର ପ୍ରାର୍ଥୀମାନେ ଶୋଭାଯାତ୍ରାରେ ଆସି ପ୍ରାର୍ଥିପତ୍ର ଦାଖଲ କରଥିଲେ। ସେହିପରି ଭାଜପା ଅଧ୍ୟକ୍ଷ ପ୍ରାର୍ଥୀ ଶ୍ୟାମଲ ସୁନାନି ଓ ୧୯ଟି ୱାର୍ଡର କାଉନସିଲର ପ୍ରାର୍ଥୀମାନେ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କ ସହ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଜନଗହଳିକୁ ଦଅଟିରେ ରଖି ପୋଲିସ ପକ୍ଷରୁ ପ୍ରତି ଛକରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ତେବେ ୯ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ୧୪ ରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ।



ମାଲକାନଗିରିରେ ନାମାଙ୍କନ ପତ୍ର ଦାଖଲ କରିବାକୁ ଆସିଥିବା ପ୍ରାର୍ଥୀମାନେ ।

**ଶୋଭା ଯାତ୍ରାରେ କମ୍ପିଲା ସହର**

# ଶେଷ ଦିନରେ ପ୍ରାର୍ଥିପତ୍ର ଦାଖଲ କଲେ ଦଳୀୟ, ସ୍ୱାଧୀନ ପ୍ରାର୍ଥୀ

ସୁନାବେଡା/ସେମିଲିଗୁଡା,୭।୩ (ସ୍ୱ.ପ୍ର.)

ସୋମବାର ଥିଲା ନାମାଙ୍କନ ଦାଖଲର ଶେଷ ଦିନ। ଏଥିପାଇଁ ସୁନାବେଡା ପୌର ପରିଷଦ କାର୍ଯ୍ୟାଳୟରେ ଜମିଥିଲା ଦଳୀୟ ତଥା ସ୍ୱାଧୀନ ପ୍ରାର୍ଥୀଙ୍କ ଭିଡ। ବିଜୁ ଜନତା ଦଳ ପକ୍ଷରୁ ସମସ୍ତ ୨୫ଟି ୱାର୍ଡର କାଉନସିଲର୍ ପ୍ରାର୍ଥୀଙ୍କ ସହ ଅଧ୍ୟକ୍ଷ ପଦବୀ ପାଇଁ ଅମିତ୍ ଅଗ୍ରୱାଲ ନିଜ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ସମୟରେ କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ୍ ପାଢୀ, ପୂର୍ବତନ ଏମ୍ପି ଝିନ ହିକ୍କା ଉପସ୍ଥିତ ଥିଲେ। ସେହିପରି ଭାଜପାରୁ ବିଜୟ ଏକୁଡ୍ଡ, କଂଗ୍ରେସରୁ ବସନ୍ତ ତ୍ରିପାଠୀ, ଆମ୍ ଆଦ୍ମୀ ପାର୍ଟିରୁ ରବି ନାରାୟଣ ପାତ୍ର, ବହୁଜନ ସମାଜବାଦୀ ପାର୍ଟିରୁ ଗଣେଶ ହନ୍ତାଳ ଏବଂ ୧୨ଜଣ ସ୍ୱାଧୀନ ପ୍ରାର୍ଥୀ ଭାବେ ଅଧ୍ୟକ୍ଷ ପଦପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ଦୁଇଟି ନିର୍ଦ୍ଦିଷ୍ଟ ଦଳର ଦୁଇ ଆଶାୟୀ ପ୍ରାର୍ଥୀ ଥିବା ଜଣାପଡିଛି। ଦୀର୍ଘ ୩୫ ବର୍ଷରୁ ଜନତା ଦଳର ଯୁବ ସଭାପତି,ବିଜୁ ଜନତା ଦଳର ନଗର ସଭାପତ, ୪ଥର କାଉନସିଲର୍ ଏବଂ ଥରେ ଉପାଧ୍ୟକ୍ଷ ଥିବା ରତ୍ନାକର ନନ୍ଦଙ୍କୁ ବିଜେଡିରୁ ଟିକେଟ ନ ମିଳିବାରୁ ସେ ସ୍ୱାଧୀନ ଭାବରେ ଅଧ୍ୟକ୍ଷ ପଦରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

**ଅଧ୍ୟକ୍ଷ ପଦ ଉପରେ ଅଧିକାଂଶଙ୍କ ନଜର**

ସେହିପରି ୧୦ବର୍ଷରୁ ଉର୍ଦ୍ଧ୍ୱ ଧରି ଭାଜପା ପାଇଁ କାର୍ଯ୍ୟ କରିଥିବା ତଥା ସାମାଜିକ କର୍ମୀ ଡ.ରାଜେନ୍ଦ୍ର ପାତ୍ର ଦଳୀୟ ଟିକେଟ ନ ପାଇବାରୁ ସେ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ଭାବେ ଅଧ୍ୟକ୍ଷ ପଦ ପାଇଁ ନିଜ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ବିଜେଡି ଓ କଂଗ୍ରେସ ସମସ୍ତ ୨୫ ୱାର୍ଡରେ କାଉନସିଲର୍ ପ୍ରାର୍ଥୀ ଦେଇଥିବା ବେଳେ ଭାଜପା ୨୩ଟି ଓ ଆମ୍ ଆଦ୍ମୀ ପାର୍ଟି ୧୨ଟି ୱାର୍ଡରେ ପ୍ରାର୍ଥୀ ଦେଇଛନ୍ତି। ବିଏସ୍ପି କୌଣସି କାଉନସିଲର ପ୍ରାର୍ଥୀ ଦେଇ ନ ଥିବା ଜଣାପଡିଛି । ତେବେ ଧାର୍ଯ୍ୟ ସମୟ ମଧ୍ୟରେ ମୋଟ ୧୦୫ ଜଣ ପ୍ରାର୍ଥୀ କାଉନସିଲର ପଦରେ ନିଜ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୌର ପରିଷଦ ନିର୍ବାଚନ ଅଧିକାରୀ ତଥା କୋରାପୁଟ ଏ ଡିଏମ୍ ରାଜେନ୍ଦ୍ର ମାଝୀ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନା, ଗୋଷ୍ଠୀ ସଂଯୋଜକ ଚିତ୍ତ ରଞ୍ଜନ ସାହୁଙ୍କ ନିକଟରେ ପ୍ରାର୍ଥୀମାନେ ନିଜ ନାମାଙ୍କନ ଦାଖଲ କରିଥିଲେ। ଆସନ୍ତା ୧୪ ତାରିଖ ନାମାଙ୍କନ ପ୍ରତ୍ୟାହାର ପାଇଁ ଶେଷ ତାରିଖ ରହିଛି। ୨୪ରେ ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ସୁନାବେଡା ଥାନା ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



ଜୟପୁରରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ସହ ବିଧାୟକ ତାରାପ୍ରସାଦ ବାହିନୀପତି ।



ମାଲକାନଗିରିରେ ପ୍ରାର୍ଥୀଙ୍କ ବାହାରିଥିବା ଦଳୀୟ ବାଇକ୍ ଶୋଭାଯାତ୍ରା ।



ସୁନାବେଡାରେ କଂଗ୍ରେସ ପ୍ରାର୍ଥୀମାନେ ପ୍ରାର୍ଥିପତ୍ର ଦାଖଲ କରିବାକୁ ଯାଉଛନ୍ତି।

